# REGIONAL NEWS UNIT, AIR CUTTACK

## Mid-day Bulletin (2.32 PM)

### 30th September – 2026

******************************************

## ମୁଖ୍ୟ ସମ୍ବାଦ

- ଭୁବନେଶ୍ୱରରେ ଆଜି ଓଡ଼ିଶା ସେବା ପ୍ରଥମ ନବସୃଜନ ଆହ୍ୱାନ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିବେ ମୁଖ୍ୟମନ୍ତ୍ରୀ ।

- ଶ୍ରଦ୍ଧାଳୁଙ୍କପାଇଁ ଆଜିଠାରୁ ଖୋଲିଲା ପୁରୀ ଶ୍ରୀଗୁଣ୍ଡିଚା ମନ୍ଦିର ।

— ଶ୍ରୀଜିଉମାନଙ୍କ ବନକଲାଗି ନୀତି ପାଇଁ ସନ୍ଧ୍ୟା ୬ଟାରୁ ୪ ଘଣ୍ଟା ବନ୍ଦ ରହିବ ସର୍ବସାଧାରଣ ଦର୍ଶନ ।

- 'ଭାଷାଗତ ବିବିଧତା ଏବଂ ଭାଷା ଅଧିକାର' ବାର୍ତ୍ତା ନେଇ ଆଜି ପାଳନ କରାଯାଉଛି ଅନ୍ତର୍ଜାତୀୟ ଅନୁବାଦ ଦିବସ ।

ଏବଂ

- ଏସୀୟ କ୍ରୀଡ଼ା ପ୍ରତିଯୋଗିତାର ମହିଳା ବନ୍ଧୁକଚାଳନା ଟ୍ରାପ୍ ମିଳିତ ବର୍ଗରେ ଭାରତକୁ ସ୍ୱର୍ଣ୍ଣପଦକ ।

*Desk*

# ଓଡ଼ିଶା ସେବା – ନବସୃଜନ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ’ ଓଡ଼ିଶା ସେବା ପ୍ରଥମ ନବସୃଜନ ଆହ୍ୱାନ କାର୍ଯ୍ୟକ୍ରମକୁ ଆଜି ଭୁବନେଶ୍ୱରଠାରେ ଶୁଭାରମ୍ଭ କରିବେ । ନବସୃଜନ ଓ ସୃଜନଶୀଳ ଚିନ୍ତାଧାରା ପାଇଁ ଉଦ୍ଦିଷ୍ଟ ଏହି କାର୍ଯ୍ୟକ୍ରମରେ ୧ ଲକ୍ଷରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଓ ଯୁବବର୍ଗ ଅଂଶଗ୍ରହଣ କରିବାକୁ ଲକ୍ଷ୍ୟ ରଖାଯାଇଛି । ୨୧ଟି ପ୍ରମୁଖ ବିଷୟରେ ରାଜ୍ୟବ୍ୟାପୀ ପ୍ରତିଯୋଗିତା ଆୟୋଜିତ ହେବ । ରାଜ୍ୟସ୍ତରୀୟ ବିଜେତାମାନଙ୍କୁ ଆର୍ଥିକ ପୁରସ୍କାର ପ୍ରଦାନ କରାଯିବ । ନବମରୁ ଦ୍ୱାଦଶ ଶ୍ରେଣୀ ଛାତ୍ରଛାତ୍ରୀ, ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟର ବିଦ୍ୟାର୍ଥୀଙ୍କ ସମେତ ରାଜ୍ୟ ଓ କେନ୍ଦ୍ରୀୟ ଅନୁଷ୍ଠାନ, ଆଇ.ଟି.ଆଇ. ଏବଂ ପଲିଟେକ୍‌ନିକ୍ ଛାତ୍ରଛାତ୍ରୀମାନେ ନିଜର ନବସୃଜନ ପ୍ରତିଭା ପ୍ରଦର୍ଶନ କରିପାରିବେ । ଷ୍ଟାର୍ଟଅପ୍ ଓ ଏମ୍.ଏସ୍.ଏମ୍.ଇ. ଉଦ୍ୟୋଗୀ, କୁଶଳୀ ଓ ଅର୍ଦ୍ଧକୁଶଳୀ ଯୁବପିଢ଼ି, ନିଯୁକ୍ତ ଆଶାୟୀମାନେ ମଧ୍ୟ ଅଂଶଗ୍ରହଣ କରିବାକୁ ଆହ୍ୱାନ ଦିଆଯାଇଛି । କାର୍ଯ୍ୟକ୍ରମରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ମତ୍ସ୍ୟ ଓ ପ୍ରାଣୀସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ୍, ଶିଳ୍ପ ଓ ଦକ୍ଷତା ବିକାଶ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଯୋଗଦେବାର କାର୍ଯ୍ୟସୂଚୀ ରହିଛି ।

*Desk*

# ନନ୍ଦନକାନନ - ଓରାଙ୍ଗ୍ ଓଟାନ୍

ନନ୍ଦନକାନନରେ ରହିଥିବା ଓରାଙ୍ଗ୍ ଓଟାନ୍‌ମାନଙ୍କୁ ସ୍ଥାନୀୟ ଜଳବାୟୁ ଅନୁକୂଳ ସାବ୍ୟସ୍ତ ହୋଇଛି ବୋଲି ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆ ସୂଚନା ଦେଇଛନ୍ତି । ବିଭିନ୍ନ ବିଶେଷଜ୍ଞ ଡାକ୍ତରୀଦଳ ସେମାନଙ୍କର ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ୍ କରୁଛନ୍ତି । ଓରାଙ୍ଗ୍ ଓଟାନ୍‌ମାନଙ୍କ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସିବା ସହ ଓଜନ ବୃଦ୍ଧି ପାଇଛି । ଆଗାମୀ ଦିନରେ ସେମାନଙ୍କର ଡି.ଏନ୍.ଏ. ଟେଷ୍ଟ ପରେ ସେମାନଙ୍କ ମୂଳ ବାସସ୍ଥାନ ସମ୍ପର୍କରେ ଜଣାପଡ଼ିବ । ଆଜି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ନନ୍ଦନକାନନ ଗସ୍ତକରି ସେମାନଙ୍କ ସମ୍ପର୍କରେ ଅନୁଧ୍ୟାନ କରିବେ ବୋଲି ଜଣାପଡ଼ିଛି ।

*Desk*

# ଗୁଣ୍ଡିଚା ମନ୍ଦିର

ପୁରୀ ଗୁଣ୍ଡିଚା ମନ୍ଦିର ଶ୍ରଦ୍ଧାଳୁଙ୍କ ପାଇଁ ଆଜିଠାରୁ ଖୋଲିଛି । ଶ୍ରଦ୍ଧାଳୁଙ୍କ ସୁବିଧା ଓ ଶୃଙ୍ଖଳିତ ଦର୍ଶନ ପାଇଁ ଶ୍ରୀମନ୍ଦିର ପ୍ରଶାସନ ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ଆନୁସଙ୍ଗିକ ବ୍ୟବସ୍ଥା ଗ୍ରହଣ କରାଯାଇଛି । ଆଜିଠାରୁ ଆସନ୍ତା ଶୁକ୍ରବାର ପର୍ଯ୍ୟନ୍ତ ଗୁଣ୍ଡିଚା ମନ୍ଦିର ପ୍ରବେଶ ଦେୟମୁକ୍ତ ରଖାଯାଇଛି । ଏହାପରଠାରୁ ବରିଷ୍ଠ ନାଗରିକ ଓ ଶିଶୁଙ୍କ ଛାଡ଼ି ମନ୍ଦିର ପ୍ରବେଶ ପାଇଁ ଶ୍ରଦ୍ଧାଳୁଙ୍କୁ ୧୦ଟଙ୍କା

ଲେଖାଏଁ ଦାଖଲ କରିବାକୁ ପଡ଼ିବ । ଏ ସମ୍ପର୍କରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସନ ଅରବିନ୍ଦ ପାଢ଼ୀ ଗଣମାଧ୍ୟମକୁ କହିଛନ୍ତି :

***Voice (Aravind Parhi)*** :........

***Desk***

# ବନକଲାଗି

ପୁରୀ ଶ୍ରୀମନ୍ଦିରରେ ଆଜି ଆଶ୍ୱିନ କୃଷ୍ଣ ଚତୁର୍ଥୀ ତିଥିରେ ଶ୍ରୀଜୀଉମାନଙ୍କର ବନକଲାଗି ନୀତି ଅନୁଷ୍ଠିତ ହେବ। ଦ୍ୱିତୀୟ ଭୋଗମଣ୍ଡପ ନୀତି ପରେ ଠାକୁରଙ୍କର ବନକଲାଗି ଅନୁଷ୍ଠିତ ହେବ । ଏହା ଏକ ଗୁପ୍ତନୀତି ହୋଇଥିବାରୁ ସନ୍ଧ୍ୟା ୬ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ପ୍ରାୟ ୪ ଘଣ୍ଟା ପାଇଁ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ମନ୍ଦିର ପ୍ରଶାସନ ପକ୍ଷରୁ କୁହାଯାଇଛି।

***Desk***

# ସେବା ସଙ୍କଳ୍ପ ଅଭିଯାନ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନସେବାକୁ ୨୫ ବର୍ଷ ପୂରଣ ହୋଇଛି। ଜନସେବାରୁ ଦେଶସେବା ମନ୍ତ୍ର ଆଧାରିତ ଜୟଯାତ୍ରା ଏବଂ

ଏପର୍ଯ୍ୟନ୍ତ ଜାରି ରହିଥିବା ନିରନ୍ତର ଅଙ୍ଗୀକାରବଦ୍ଧତାକୁ ଏହା ପ୍ରକାଶ କରୁଛି। ସେବା ଏବଂ ସୁଶାସନକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ୨୦୪୭ ମସିହା ସୁଦ୍ଧା ବିକଶିତ ଭାରତ ଲକ୍ଷ୍ୟ ପୂରଣ ଲାଗି ନିରନ୍ତର କାର୍ଯ୍ୟ କରିଆସୁଛନ୍ତି। ସମାବେଶୀ ବିକାଶ ଏବଂ ସାମାଜିକ ସଶକ୍ତୀକରଣ ଜରିଆରେ ଏହି ଉତ୍ସର୍ଗୀକୃତ ସିଦ୍ଧାନ୍ତ ଜୀବନ୍ତ ରୂପ ନେଇଛି। ସେବା ସଂକଳ୍ପ ଅଭିଯାନର ଏହି ଧାରାବାହିକରେ ଆଜି ଶୁଣନ୍ତୁ **'ନକ୍ସଲ୍‌ମୁକ୍ତ ଭାରତ'** ସମ୍ପର୍କରେ...

ନକ୍ସଲମୁକ୍ତ ଭାରତ ଗଠନ ଲକ୍ଷ୍ୟରେ କେନ୍ଦ୍ର ସରକାର ସୁରକ୍ଷା ସହ ବିକାଶମୂଳକ ପଦକ୍ଷେପକୁ ଗୁରୁତ୍ୱ ଦେଉଛନ୍ତି । ୨୦୧୫ ମସିହାରେ ଜାତୀୟ ନୀତି ଓ କାର୍ଯ୍ୟଯୋଜନା ଅଧୀନରେ ସୁରକ୍ଷା, ଉନ୍ନୟନ ଏବଂ ସ୍ଥାନୀୟ ଲୋକଙ୍କ ସୁବିଧା ନିଶ୍ଚିତ କରିବାକୁ ବହୁମୁଖୀ ରଣନୀତି ଗ୍ରହଣ କରାଯାଇଛି । ନକ୍ସଲ୍ ପ୍ରଭାବିତ ରାଜ୍ୟଗୁଡ଼ିକୁ କେନ୍ଦ୍ରୀୟ ସଶସ୍ତ୍ର ପୁଲିସ ବଳ, ଗୁଇନ୍ଦା ସହଯୋଗ, ପୁଲିସ ଭିତ୍ତିଭୂମି ଓ ସଡ଼କ ଯୋଗାଯୋଗ କ୍ଷେତ୍ରରେ ସହାୟତା ପ୍ରଦାନ କରାଯାଇଛି । ଦୁର୍ଗମ ଅଞ୍ଚଳରେ ସଡ଼କ ନିର୍ମାଣ, ମୋବାଇଲ୍ ନେଟ୍‌ୱର୍କର ସମ୍ପ୍ରସାରଣ, ଶିକ୍ଷା, ସ୍ୱାସ୍ଥ୍ୟ ଓ ଦକ୍ଷତା ବିକାଶକୁ ଗୁରୁତ୍ୱ ଦିଆଯାଇଛି । ଜନଜାତି ଅଧ୍ୟୁଷିତ ଅଞ୍ଚଳରେ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ, ଶିଳ୍ପ ତାଲିମ କେନ୍ଦ୍ର, ଡାକଘର ଓ ବ୍ୟାଙ୍କିଙ୍ଗ୍ ସୁବିଧାର ସମ୍ପ୍ରସାରଣ ମାଧ୍ୟମରେ ସାଧାରଣ ଲୋକଙ୍କୁ ମୁଖ୍ୟଧାରାରେ ବିକାଶ ସହ ଯୋଡ଼ିବାପାଇଁ ପ୍ରୟାସ କରାଯାଉଛି । ଆତ୍ମସମର୍ପଣ କରିଥିବା ମାଓବାଦୀଙ୍କ ପୁନର୍ବାସ ଓ ଥଇଥାନ ଉପରେ ସରକାର ଅଧିକ ଗୁରୁତ୍ୱ ଦେଉଛନ୍ତି । ଏହି ସମସ୍ତ ପଦକ୍ଷେପର ଲକ୍ଷ୍ୟ ହେଉଛି, ମାଓବାଦୀଙ୍କ ଗତିବିଧି ନିୟନ୍ତ୍ରଣ ସହ ଏକ

ଦୀର୍ଘସ୍ଥାୟୀ ଶାନ୍ତି ଓ ବିକାଶର ପରିବେଶ ସୃଷ୍ଟି କରିବା । ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ତଥ୍ୟ ଅନୁସାରେ ନକ୍ସଲ ପ୍ରଭାବିତ ଜିଲ୍ଲା ସଂଖ୍ୟା ୨୦୧୮ ମସିହାରେ ୧୨୬ ଥିବାବେଳେ ୨୦୨୫ ମସିହା ଡିସେମ୍ବର ମାସରେ ଏହା ୮କୁ ହ୍ରାସ ପାଇଛି । ୨୦୧୦ ମସିହାରେ ୧ ହଜାର ୯୩୬ଟି ହିଂସାକାଣ୍ଡ ଘଟିଥିବାବେଳେ ଏହା ୨୦୨୫ ମସିହା ସୁଦ୍ଧା ୨୩୪କୁ ହ୍ରାସ ପାଇଥିଲା ।

ପରବର୍ତ୍ତୀ ସମୟରେ ଚଳିତ ବର୍ଷ ଜୁଲାଇ ମାସରେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଦେଶକୁ ସମ୍ପୂର୍ଣ୍ଣ ନକ୍ସଲମୁକ୍ତ ଭାବେ ଘୋଷଣା କରାଯାଇଥିଲା । ଏହି ପରିପ୍ରେକ୍ଷୀରେ ଏକଦା ମାଓବାଦୀଙ୍କ ପ୍ରଭାବରେ ରହିଥିବା କନ୍ଧମାଳ ଜିଲ୍ଲାରେ ମଧ୍ୟ ସୁରକ୍ଷା ବ୍ୟବସ୍ଥା ସୁଦୃଢ଼ ହେବା ସହ ମାଓବାଦୀ ସଙ୍ଗଠନର ଗତିବିଧି ଦୁର୍ବଳ ହୋଇଛି । ତେବେ ଜିଲ୍ଲାରେ ଅବଶିଷ୍ଟ ମାଓବାଦୀଙ୍କ ସଂଖ୍ୟା ଓ ସେମାନଙ୍କ ଗତିବିଧି ସମ୍ପର୍କରେ ଅଧିକୃତ ତଥ୍ୟ ଆଧାରରେ ସ୍ଥିତି ଆକଳନ କରାଯାଉଛି । କନ୍ଧମାଳରେ ମୁଖ୍ୟତଃ କେ.କେ.ବି.ଏନ୍. ଏବଂ ବି.ଜି.ଏନ୍. ଭଳି ମାଓ ସଙ୍ଗଠନ ସକ୍ରିୟ ଥିଲେ । ମାଓବାଦୀଙ୍କ ଗତିବିଧି ନିୟନ୍ତ୍ରଣ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସମନ୍ୱିତ ପ୍ରୟାସରେ ସୁରକ୍ଷା ଅଭିଯାନକୁ ଅଧିକ ଜୋରଦାର କରାଯାଇଥିଲା । ନିୟମିତ ତଲାସୀ ଅଭିଯାନ ଓ ମାଓବାଦୀଙ୍କ ଆତ୍ମସମର୍ପଣପାଇଁ ପଦକ୍ଷେପ ଗ୍ରହଣ ପରେ କନ୍ଧମାଳ ଭଳି ଆଦିବାସୀ ଅଧ୍ୟୁଷିତ ଜିଲ୍ଲାରେ ବର୍ତ୍ତମାନ ସୁରକ୍ଷା ସହ ବିକାଶର ଧାରା ତ୍ୱରାନ୍ୱିତ ହୋଇଛି । ନକ୍ସଲବାଦର ମୁକାବିଲା କେବଳ ସୁରକ୍ଷା ଅଭିଯାନରେ ସୀମିତ ନୁହେଁ; ବରଂ ଶାନ୍ତି, ବିକାଶ ଓ ଲୋକଙ୍କ ବିଶ୍ୱାସକୁ ସୁଦୃଢ଼ କରିବାର ଏକ ମୁଖ୍ୟ ଆଧାର ।

କନ୍ଧମାଳରୁ ଉତ୍ପଳ କୁମାର ସାହୁଙ୍କ ରିପୋର୍ଟ ସହ  ମୁଁ ସ୍ମୃତିରେଖା ତାରେଣିଆ ।

***Desk***

# ଅନ୍ତର୍ଜାତୀୟ ଅନୁବାଦ ଦିବସ

ଭାବ ଆଦାନ ପ୍ରଦାନରେ ଭାଷାର ଉପଯୋଗିତା ଏବଂ ଗୋଟିଏ ଭାଷାକୁ ଅନ୍ୟ ଭାଷାରେ ଅନୁବାଦର ବ୍ୟବହାରକୁ ଉପଲବ୍ଧି କରି ଆଜି ଅନ୍ତର୍ଜାତୀୟ ଅନୁବାଦ ଦିବସ ପାଳନ କରାଯାଉଛି । ଚଳିତ ବର୍ଷ ଏହି ଦିବସର ବିଷୟବସ୍ତୁ ରହିଛି **"ଭାଷାଗତ ବିବିଧତା ଏବଂ ଭାଷା ଅଧିକାର"**, ଯାହାର ଉପଶୀର୍ଷକ ହେଉଛି **"ବୁଝିବାର ଶକ୍ତି"** । ପୃଥିବୀରେ ୬ ହଜାର ୫୦୦ରୁ ଅଧିକ କଥିତ ଭାଷା ଅଛି । ଯାହାର ପ୍ରତିବନ୍ଧକକୁ ଦୂର କରିବା ପାଇଁ ଅନୁବାଦକମାନେ ସାହାଯ୍ୟ କରିଥାନ୍ତି । ୧୯୫୩ ମସିହାରୁ ଅନ୍ତର୍ଜାତୀୟ ଅନୁବାଦକ ସଂଘ ଆନୁକୂଲ୍ୟରେ ଏହି ଦିବସ ପାଳିତ ହୋଇଆସୁଛି । ବିଭିନ୍ନ ରାଷ୍ଟ୍ର ପାରସ୍ପରିକ କଥାବାର୍ତ୍ତା ମାଧ୍ୟମରେ ପୃଥିବୀରେ ଶାନ୍ତି, ସୁରକ୍ଷା ଓ ପ୍ରଗତିକୁ ସଶକ୍ତ କରିବା ପାଇଁ ଅନୁବାଦକମାନଙ୍କ ଭୂମିକାକୁ ମନେପକାଇବା ଉଦ୍ଦେଶ୍ୟରେ ଏହି ଦିବସ ପାଳନ କରାଯାଉଛି ।

*HS*

# ସଡ଼କ ଭିତ୍ତିଭୂମି - ସମୀକ୍ଷା

ଭୁବନେଶ୍ୱରଠାରେ ଆୟୋଜିତ ପୂର୍ତ୍ତ ବିଭାଗର ବୈଠକରେ ବିଭାଗୀୟ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ’ ସମ୍ବଲପୁରର ସଡ଼କ ଭିତ୍ତିଭୂମିର ବିକାଶ ପାଇଁ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ପ୍ରକଳ୍ପ ସମ୍ପର୍କରେ ସମୀକ୍ଷା କରିଛନ୍ତି । ସମ୍ବଲପୁର, ଅନୁଗୁଳ, ଢେଙ୍କାନାଳ ଓ ଦେବଗଡ଼ ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ଜାତୀୟ ରାଜପଥ ଏବଂ ରାଜ୍ୟ ସଡ଼କଗୁଡ଼ିକର ଅଗ୍ରଗତି ସମ୍ପର୍କରେ ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାୟକ, ସଂସଦ ଧର୍ମେନ୍ଦ୍ର ପ୍ରଧାନଙ୍କ ସହ ଶ୍ରୀ ହରିଚନ୍ଦନ ଆଲୋଚନା କରିଛନ୍ତି । ଏଥିସହ ଅନୁଗୁଳ-ଛେଣ୍ଡିପଦା ରାସ୍ତା, ଜରପଡ଼ା-ଛେଣ୍ଡିପଦା ବାଇପାସ୍ ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାପାଇଁ ବୈଠକରେ ଗୁରୁତ୍ୱାରୋପ କରାଯାଇଛି ।

*Nabarangpur/R*

# ସ୍ୱଚ୍ଛ ଭାରତ

ନବରଙ୍ଗପୁର ଜିଲ୍ଲା ଉମରକୋଟ୍‌ରେ ସେବା ସଙ୍କଳ୍ପ ଅଭିଯାନ ଅବସରରେ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ନୂଆ ବସ୍‌ଷ୍ଟାଣ୍ଡଠାରେ ଆୟୋଜିତ ସଫେଇ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ସାଧାରଣ ସ୍ଥାନଗୁଡ଼ିକୁ ପରିଷ୍କାର ରଖିବା

ସହ ପରିବେଶର ସୁରକ୍ଷା ପାଇଁ ସମସ୍ତେ ଦାୟିତ୍ୱବାନ ହେବା ଅବାଶ୍ୟକ ବୋଲି ଶ୍ରୀ ଗଣ୍ଡ ଗୁରୁତ୍ୱାରୋପ କରିଥିଲେ ।

***Boudh/R***

## ଦୁର୍ଘଟଣା ମୃତ୍ୟୁଶୂନ୍ୟ

ବୌଦ୍ଧ ଜିଲ୍ଲାରେ ଅକ୍ଟୋବର ମାସକୁ ଦୁର୍ଘଟଣା ମୃତ୍ୟୁଶୂନ୍ୟ କରିବାପାଇଁ ଜିଲ୍ଲାପାଳ ବିଭୂତି ଭୂଷଣ ନାୟକ ଗୁରୁତ୍ୱାରୋପ କରିଛନ୍ତି । ହେଲ୍‌ମେଟ୍ ପରିଧାନ, ରାସ୍ତାରେ ବାଲି-ମେଟାଲ୍ ଜମା ହେବା, ନିଶାସେବନ କରି ଗାଡ଼ି ଚଳାଇବା, ଭାରିଯାନ ପାର୍କିଂ, ଗୋରୁଗାଈ ନିୟନ୍ତ୍ରଣ ଓ ରାସ୍ତାରୁ ଜବରଦଖଲ ଉଚ୍ଛେଦପାଇଁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

***Bhadrak/R***

## ପୋଷଣ ମାସ

ରାଷ୍ଟ୍ରୀୟ ପୋଷଣ ମାସ ଓ ଆଙ୍ଗନ କା ଉତ୍ସବ ଭଦ୍ରକ ଜିଲ୍ଲା ବାସୁଦେବପୁର ପଞ୍ଚାୟତ ସମିତି ଅଙ୍ଗନ୍‌ୱାଡ଼ି କେନ୍ଦ୍ରରେ ଅନୁଷ୍ଠିତ ହୋଇଯାଇଛି । ମାଣ୍ଡିଆରେ ପ୍ରସ୍ତୁତ ବିଭିନ୍ନ ବ୍ୟଞ୍ଜନ ଏଥିରେ ପ୍ରଦର୍ଶିତ ହେବା

ସହ ପୌଷ୍ଟିକ ଖାଦ୍ୟ ସମ୍ପର୍କରେ ସଚେତନ ହେବାପାଇଁ ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ ।

***Bhadrak/R***

# ବୌଦ୍ଧ ବିହାର

ଭଦ୍ରକ ଜିଲ୍ଲା ଭଣ୍ଡାରିପୋଖରୀ ବ୍ଲକ୍ ସୋଲମ୍ପଠାରେ ଥିବା ବୌଦ୍ଧବିହାରରେ ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗର ବିଶେଷଜ୍ଞମାନେ ଅନୁଧ୍ୟାନ କରିଛନ୍ତି । ଅସୁରକ୍ଷିତ ଥିବା ବୌଦ୍ଧ ମୂର୍ତ୍ତିଗୁଡ଼ିକୁ ସ୍ଥାନାନ୍ତରିତ କରାଯିବା ସହ ରାସାୟନିକ ପ୍ରଲେପ ଦେଇ ସଂରକ୍ଷଣ କରିବାକୁ ବିଶେଷଜ୍ଞମାନେ ପରାମର୍ଶ ଦେଇଛନ୍ତି । ବୌଦ୍ଧ ବିହାରର ବିକାଶ, ଭିତ୍ତିଭୂମି ସମ୍ପର୍କରେ ସ୍ଥାନୀୟ ଜନସାଧାରଣଙ୍କ ସହ ଆଲୋଚନା କରିଥିଲେ ।

***Nuapada/R***

# ସୋଲାର ସଚେତନତା ରଥ

ନୂଆପଡ଼ା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସୋଲାର ସଚେତନତା ରଥକୁ ଜିଲ୍ଲାପାଳ ମଧୁସୂଦନ ଦାସ ଶୁଭାରମ୍ଭ କରିଛନ୍ତି । ଏହି ରଥ ସମଗ୍ର ଜିଲ୍ଲା ପରିକ୍ରମା କରିବା ସହ ସବୁଜ ଶକ୍ତି ବ୍ୟବହାର କରିବାକୁ

ନାଗରିକମାନଙ୍କୁ ସଚେତନ କରାଇବ । ସମସ୍ତ ସରକାରୀ କାର୍ଯ୍ୟାଳୟରେ ସୌରଶକ୍ତି ବ୍ୟବହାର କରିବାକୁ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଛନ୍ତି । ଜିଲ୍ଲାରେ ୧୦ ହଜାର ୯୪୨ଟି ଘରକୁ ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ଯୋଜନାରେ ସାମିଲ୍ କରାଯାଇଛି । ସୌରଶକ୍ତି ଘର ସଂଯୋଗ କ୍ଷେତ୍ରରେ ନୂଆପଡ଼ା ରାଜ୍ୟର ଅଷ୍ଟମ ସ୍ଥାନରେ ରହିଛି ।

***Ganjam/R***

## ପର୍ଯ୍ୟଟନ - ସମୀକ୍ଷା

ଗଞ୍ଜାମ ଜିଲ୍ଲାର ଭଞ୍ଜନଗର ଉପଖଣ୍ଡରେ ପର୍ଯ୍ୟଟନର ସାମଗ୍ରିକ ବିକାଶ, ପ୍ରମୁଖ ପର୍ଯ୍ୟଟନ ସ୍ଥଳୀଗୁଡ଼ିକର ଭିତ୍ତିଭୂମି ସୁଦୃଢ଼ୀକରଣ ଏବଂ ପର୍ଯ୍ୟଟକମାନଙ୍କୁ ସୁବିଧା ପ୍ରଦାନ ସମ୍ପର୍କରେ ଉପଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ପର୍ଯ୍ୟଟନ ବିଭାଗ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ସରକାରୀ ଯୋଜନା, ପୁଞ୍ଜିନିବେଶର ସୁଯୋଗ, ପ୍ରୋତ୍ସାହନ ସମ୍ପର୍କରେ ଅଧିକାରୀମାନେ ଆଲୋଚନା କରିଥିଲେ । ସ୍ଥାନୀୟ ଉଦ୍ୟୋଗୀ ଓ ନିବେଶକମାନେ ପର୍ଯ୍ୟଟନ କ୍ଷେତ୍ରରେ ନିବେଶ କରି ସରକାରଙ୍କ ବିଭିନ୍ନ ପ୍ରୋତ୍ସାହନ ଓ ରିହାତିର ସୁଯୋଗ ନେଇପାରିବେ ବୋଲି ବୈଠକରେ ମତପ୍ରକାଶ ପାଇଛି ।

*Pool*

# ଏସୀୟ କ୍ରୀଡ଼ା

ଏସୀୟ କ୍ରୀଡ଼ା ପ୍ରତିଯୋଗିତାର ମହିଳା ବନ୍ଧୁକ ଚାଳନା ଟ୍ରାପ୍ ମିଳିତ ବର୍ଗରେ ଭାରତର ନିରୂ ଢାଣ୍ଡା ଏବଂ କିନାନ୍ ଚେନାଇ ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି । ଏଥିସହ ନିରୁ ତାଙ୍କର ଦ୍ୱିତୀୟ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି ।

ପୁରୁଷ କମ୍ପାଉଣ୍ଡ୍ ମିଳିତ ବର୍ଗରେ ଭାରତ ସ୍ୱର୍ଣ୍ଣ ପଦକ ହାସଲ କରିଛି। କୁଶାଲ ଦଲାଲ, ସାହିଲ ଯାଧବ ଏବଂ ଗଣେଶ ମଣିରତ୍ନମ୍ ଥିରୁମୁରୁ ଚୀନ୍ ପ୍ରତିଦ୍ୱନ୍ଦ୍ୱିଙ୍କୁ ପରାସ୍ତ କରି ଏହି ସଫଳତା ହାସଲ କରିଛନ୍ତି । ଏଥିସହ ଭାରତର ପଦକ ସଂଖ୍ୟା ଅଣଷଠୀକୁ ବୃଦ୍ଧି ପାଇଛି । ଏଥିରେ ୧୦ଟି ସ୍ୱର୍ଣ୍ଣ, ୨୧ଟି ରୌପ୍ୟ ଏବଂ ୨୮ଟି ବ୍ରୋଞ୍ଜ ପଦକ ତାଲିକାର ସପ୍ତମ ସ୍ଥାନରେ ରହିଛି ।

******